ସମାଜ
The Samaja
ପ୍ରତିଷ୍ଠାତା-ଉତ୍କଳମଣି ଗୋପବନ୍ଧୁ ଦାସ

01st March 2020

# ଆଇଆଇଟିରେ ଜାତୀୟ ବିଜ୍ଞାନ ଦିବସ

ଜଟଣୀ,୨୯।୨(ନି.ପ୍ର): ଆଇଆଇଟି ପରିସରରେ ଜାତୀୟ ବିଜ୍ଞାନ ଦିବସ ପାଳିତ ହୋଇଯାଇଛି। ନିର୍ଦ୍ଦେଶକ ପ୍ରଫେସର ଆର.ଭି. ରାଜକୁମାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଜାତୀୟ ବିଜ୍ଞାନ ଦିବସକୁ ସିଏସଆଇଆର-ଆଇଏମଏମଟିର ପ୍ରଫେସର ସୁଦ୍ଧସତ୍ତ୍ୱା ବସୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉତ୍ସବକୁ ଉଦଘାଟନ କରିଥିଲେ। ପ୍ରଫେସର ରାଜକୁମାର କହିଥିଲେ,ବିଜ୍ଞାନ ମଣିଷର ଜୀବନକୁ ସହଜ, ଆରାମଦାୟକ ଏବଂ ଉତ୍ପାଦନକ୍ଷମ କରିଛି। ଦିନ ଆରମ୍ଭରୁ ଶେଷ ପର୍ଯ୍ୟନ୍ତ ସମସ୍ତ ଦୈନନ୍ଦିନ ଜୀବନର କାର୍ଯ୍ୟକୁ ବିଜ୍ଞାନ ସହଜ କରି ଦେଉଛି। ବୈଜ୍ଞାନିକମାନେ ଦେଶର ଗୌରବ ବୋଲି ସେ କହିଥିଲେ। ମହିଳା ସଶକ୍ତିକରଣ ଏବଂ ଦେଶର ବିକାଶ ପାଇଁ ମହିଳାଙ୍କୁ ବିଜ୍ଞାନ ଓ ବୈଷୟିକ ଶିକ୍ଷା ପ୍ରଦାନ ଉପରେ ମୁଖ୍ୟ ଅତିଥି ପ୍ରଫେସର ବସୁ ଗୁରୁତ୍ୱାରୋପ କରିଥିଲେ। ବିଜ୍ଞାନ ଓ ବୈଷୟିକ ଶିକ୍ଷା ପ୍ରଦାନ କ୍ଷେତ୍ରରେ ଶିକ୍ଷକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ସେ କହିଥିଲେ। ୧୦ ଜଣ ଛାତ୍ରଛାତ୍ରୀ ସେମାନଙ୍କ ଗବେଷଣାର ନିବନ୍ଧ ଏବଂ ପୋଷ୍ଟର ସମ୍ପର୍କରେ ବୁଝାଇଥିଲେ। ପ୍ରଫେସର ଆର.କେ.ପଣ୍ଡା, ପ୍ରଫେସର ସୁଜିତ ରାୟ, ପ୍ରଫେସର ଭି.ଆର.ପିଡ଼ିରେଡ଼ି, ଡ଼.ପି.ଆର.ସାହୁ, କୁଳସଚିବ ସୁବୋଧ କୁମାର ଏବଂ ଯୁଗ୍ମ କୁଳସଚିବ ଦେବରାଜ ରଥ ଯୋଗ ଦେଇଥିଲେ।

